ପିଲାମାନଙ୍କ ପାଇଁ ବାଇବଲ

ଉପହାର



ଯୀଶୁ ଏବଂ ଲାଜାର

ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଉପଯୋଜକ: Ruth Klassen
ଅନୁବାଦକ: Prasanta Bhuyan
Alastair Paterson
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2022 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି.· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ମରିୟମ ଏବଂ ମାର୍ଥା ବ୍ୟସ୍ତ ହେଲେ । ସେମାନଙ୍କର ଭାଇ ଲାଜାର ଅସୁସ୍ଥ ଥିଲେ-ଅତ୍ୟଧିକ ଅସୁସ୍ଥ । ଭଉଣୀମାନେ ଜାଣିପାରୁଥିଲେ ଯେ ଲାଜାର ଶିଘ୍ର ମରିଯାଇ ପାରନ୍ତି । ସେମାନେ ଯୀଶୁଙ୍କୁ କହି ପଠାଇଲେ । ବେଥାନିର ଏହି ଛୋଟ ପରିବାରକୁ ଯୀଶୁ ଅତ୍ୟଧିକ ସ୍ନେହ କରୁଥିଲେ ।



ଯେତେବେଳେ ଯୀଶୁ ଲାଜାରଙ୍କ ବିଷୟରେ ଶୁଣିଲେ ସେ ଶିଶ୍ୟମାନଙ୍କୁ କହିଲେ, ଏହି ରୋଗ ମୃତୁର କାରଣ ହେବ ନାହିଁ । ଯୀଶୁ ଅନେକ ମାଇଲ୍ ଦୂରରେ ଥିଲେ ମଧ୍ୟ, ସେ ଲାଜାରଙ୍କ ସହିତ କଅଣ ହେବାକୁ ଯାଉଅଛି ତାହା ଜାଣିଥିଲେ ।



3

ଯୀଶୁ ବେଥାନୀକୁ ଯିବା ଆଗରୁ ଦୁଇଦିନ ସେଠାରେ ରହିଗଲେ । ତାହାପରେ ସେ ଏପରି କହିଲେ ଯାହା ଶିଶ୍ୟମାନଙ୍କୁ ଚିନ୍ତାରେ ପକାଇଲା । ଲାଜାରଙ୍କର ମୃତୁ ହୋଇଯାଇଛି । ମୁଁ ଆନନ୍ଦିତ କି ମୁଁ ସେଠାରେ ନଥିଲି ଓ ତୁମେ ବିଶ୍ୱାସ କରିଥାନ୍ତ । ଏହି ଆନୋଖା ଶବ୍ଦ ଗୁଡ଼ାକର ଅର୍ଥ କଅଣ ? ଯୀଶୁ କଅଣ କରିବାକୁ ଚାହୁଁଥିଲେ ?

4

ଯେତେବେଳେ ଯୀଶୁ ବେଥାନୀରେ ପହଞ୍ଚିଲେ, ଲାଜାର ମରିଯିବାର ଚାରିଦିନ ହୋଇଥିଲା । ତାଙ୍କର ଶରିରକୁ, ସମାଧି ବସ୍ତ୍ରରେ ଗୁଡ଼ାହୋଇଥିଲା, ସେ ଏକ ଗୁମ୍ଫା ସମ ସମାଧିରେ ଥିଲା ।



5

ମାର୍ଥା ଯୀଶୁଙ୍କୁ ଭେଟିବାକୁ ଗଲା । ତୁମ୍ର ଭାଇ ପୁଣି ମୃତୁରୁ ଉଠିବ, ଯୀଶୁ କହିଲେ । ମୁଁ ଜାଣେ ସେ ଯେ ଶେଷଦିନରେ ପୁନରୁଥାନ ସମୟରେ ଉଠିବ, ମାର୍ଥା କହିଲେ । ସେ ଭାବିଲା ତାଙ୍କୁ ଲାଜାରଙ୍କୁ ପୁନର୍ବାର ଦେଖିବାକୁ ଶେଷଦିନ ପର୍ଯ୍ୟନ୍ତ ଜଗିବାକୁ ପଡ଼ିବ । କିନ୍ତୁ ଯୀଶୁ କିଛି ଅଲଗା ଚିନ୍ତା କରିଥିଲେ ।

6



ଯୀଶୁ ମାର୍ଥାଙ୍କୁ କହିଲେ ମୁଁ ପୁନରୁଥାନ ଓ ଜୀବନ । ଯେ ମୋଠାରେ ବିଶ୍ୱାସ କରେ ସେ ଯଦ୍ୟପି ମରେ ତଥାପି ବଞ୍ଚିବ । ମାର୍ଥା ଯୀଶୁଙ୍କୁ ବିଶ୍ୱାସ କଲେ । ସେ ଜାଣିଥିଲା ଯେ ସେ ଇଶ୍ୱରଙ୍କ ପୁତ୍ର ଅଟନ୍ତି । କିନ୍ତୁ ସେ ଲାଜାରଙ୍କୁ କିପରି ସାହାଯ୍ୟ କରିବେ ?

7

ଲାଜାରଙ୍କ ମୃତୁ ହେତୁ ସମସ୍ତେ ଦୁଃଖିତ ହେଲେ । ତାଙ୍କର ଭଉଣି ମରିୟମ ରୋଦନ କରୁଥିଲେ । ତାଙ୍କର ବନ୍ଧୁମାନେ ଆସି ତାକୁ ସାନ୍ତ୍ୱନା କରିବାକୁ ଚେଷ୍ଟାକଲେ । ଯୀଶୁ ମଧ୍ୟ ଜାଣିଲେ ।

8

ଯୀଶୁ ଲୋକମାନଙ୍କ ସହିତ ସମାଧି
ନିକଟକୁ ଗଲେ । ଗୁହାର ଦ୍ୱାର ମୁହଁରେ
ଗୋଟାଏ ବଡ଼ ପଥର ଥିଲା ।

9

ଏହି ପଥର ଘୁଞ୍ଚାଇଦିଅ, ଯୀଶୁ ଆଦେଶ କଲେ । ମାର୍ଥା
କହିଲେ, ପ୍ରଭୋ ସେ ବାସି ଗଲାଣି, କାରଣ
ସେ ଚାରିଦିନ ହେଲା ମଲାଣି ।



10

ଯୀଶୁଙ୍କ ଆଦେଶରେ
ସେମାନେ ପଥର ଘୁଞ୍ଚାଇଦେଲେ ।
ତାହାପରେ ଯୀଶୁ ତାଙ୍କ ସ୍ୱର୍ଗସ୍ଥ ପିତାଙ୍କୁ
ପ୍ରାର୍ଥନା କଲେ । ଯୀଶୁ ଏକ ମହାନ
ଆଶ୍ଚର୍ଯ୍ୟ କାର୍ଯ୍ୟ କରିବାକୁ ଯାଉଥିଲେ
ଯାହାଦ୍ୱାରା ଯୀଶୁ ଯେ ସଦାପ୍ରଭୁଙ୍କ
ପ୍ରେରିତ ଲୋକ ତାହା ସେମାନେ ଜାଣିବେ ।
ଯୀଶୁ ଉଚ୍ଚ ସ୍ୱରରେ ଡାକିଲେ କହିଲେ,
ଲାଜାର । ବାହାରିଆସ, ଲୋକମାନେ
ଆଶ୍ଚର୍ଯ୍ୟ ହୋଇ ଗୁହା ଆଡ଼କୁ ଚାହିଁ
ରହିଥାଇ ପାରନ୍ତି । ଯୀଶୁ ସେହି
ମୃତ ଲୋକକୁ ମୃତ୍ୟୁରୁ ଉଠାଇ
ପାରିବେ କି?



11

ହଁ ଲାଜାର
ଗୁହାରୁ
ବାହାରକୁ
ଆସିଲେ, ତାହାର
ସମସ୍ତ ଶରିର
ସମାଧି ବସ୍ତ୍ରରେ
ଗୁଡ଼ାହୋଇଥିଲା-
ଜୀବନ୍ତ



12

ଏହାର ବନ୍ଧନ ଖୋଲିଦିଅ, ଯୀଶୁ କହିଲେ । ତାକୁ ଯିବାକୁ ଦିଅ ।
ସେଠାରେ କି ଆନନ୍ଦରେ ଭରିଗଲା, ଲୁହ ଆନନ୍ଦରେ ବଦଳି ଗଲା ।
ଯୀଶୁ ତାଙ୍କ କଥା ରଖିଲେ । ଲାଜାର ପୁନର୍ବାର ବଞ୍ଚିଲା ।
କେବଳ ଇଶ୍ୱରଙ୍କ ପୁତ୍ର ସେହି ମୃତ
ବ୍ୟକ୍ତିଙ୍କୁ ଜୀବନଦାନ ଦେଇପାରିବେ ।



13

ଅନେକ ଲୋକ ଯେଉଁମାନେ ସେହି ଆଶ୍ଚର୍ଯ୍ୟକର୍ମ ଦେଖିଲେ ଯୀଶୁଙ୍କ ଉପରେ ବିଶ୍ୱାସ କଲେ । କିନ୍ତୁ
କେତେକ ଲୋକ ସେହି ବିଷୟରେ ତାଙ୍କ ଶତ୍ରୁ-ପ୍ରଧାନ ଯାଜକ ଓ ଫାରୂଷିମାନଙ୍କୁ ଜଣାଇଲେ ।
ଇର୍ଷ୍ୟାରେ ସେମାନେ ତାଙ୍କୁ ବଧ କରିବାକୁ ଯୋଜନା କଲେ । ତାହା ଜାଣି ଯୀଶୁ ସେଠାରୁ ଯାଇ
କିଛି ସମୟ ନିମନ୍ତେ ପ୍ରାନ୍ତରରେ ରହିଲେ ।



14

ଯୀଶୁ ଏବଂ ଲାଜାର

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯୋହନ ୧୧

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି



ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୂପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬